## ବ୍ଲକ ସଭାପତି ପଦକୁ ନେଇ କନ୍ଦଳ ବିଜେଡି ଛାଡିଲେ ୧୫

ବୈପାରିଗୁଡା,୧୬।୭ (ଡି.ଏନ୍.ଏ.)- ଗତ କିଛି ଦିନ ହେବ ବୈପାରିଗୁଡା ବ୍ଲକରେ ବିଜେଡି ବ୍ଲକ ସଭାପତି ପଦକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଗତ କିଛି ଦିନ ତଳେ ପୂର୍ବତନ ବ୍ଲକ ସଭାପତି ଦଳ ଛାଡିଥିଲେ। ଏହାର କିଛି ଦିନ ପରେ ଶୁକ୍ରବାର ବିଜେଡିରୁ ୧୫ ଜଣ ସଦସ୍ୟ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ଦଳ ଭିତରେ ଚାଲିଥିବା ଦ୍ୱନ୍ଦ୍ୱକୁ ନେଇ ଦଳ ଛାଡିଥିବା ପ୍ରକାଶ କରିଛନ୍ତି। ଦଳ ଛାଡିଥିବା ବ୍ୟକ୍ତିଙ୍କ ମଧ୍ୟରେ ବୈପାରୀଗୁଡା ସରପଞ୍ଚ ଭାଗୀରଥି ମୁର୍ଜିଆ ,ଚନ୍ଦ୍ରପଡା ସରପଞ୍ଚ ଅଭିମନ୍ୟୁ ନାୟକଙ୍କ ସମେତ ୨ ଜଣ ପୂର୍ବତନ ସରପଞ୍ଚ ଥିବା ଜଣାପଡିଛି। ଦଳ ମଧ୍ୟରେ ଦୀର୍ଘଦିନ ହେବ ୨ ଗୋଷ୍ଠୀ ମଧ୍ୟରେ ବ୍ଲକ ସଭାପତି ପଦ ହାତେଇବା ନେଇ ଛକା ପଞ୍ଝା ଚାଲିଛି। ବିବାଦକୁ ଟାଳିବା ପାଇଁ ଜିଲା ଓ ରାଜ୍ୟ ସଙ୍ଗଠନର ସମସ୍ତ ଉଦ୍ୟମ ଏକ ପ୍ରକାର ଫେଲ୍ ମାରିଛି। ଦଳର କେତେକ ପୁରୁଖା ନେତାଙ୍କ ପତିଆରା ହ୍ରାସ ପାଉଥିବା ବେଳେ ଗୋଟିଏ ଗୋଷ୍ଠୀ ଦଳୀୟ ପଦ ପଦବୀରେ ଆଦିବାସୀ ନେତାଙ୍କୁ ପ୍ରାଧାନ୍ୟ ଦେବାକୁ ଅଡି ବସିଛନ୍ତି।






କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଲକ୍ଷ୍ମୀ ନୃସିଂହ , ଜୟପୁରରେ ନୃସିଂହ ନାରାୟଣ, ଦାମନଯୋଡି ଓ ରାୟଗଡା ଜିଲା ଗୁଣପୁରରେ ନୃସିଂହ ଅବତାରରେ ଶ୍ରୀ ଜୀଉ ।



ନବରଙ୍ଗପୁରରେ ଠାକୁରଙ୍କ ଲକ୍ଷ୍ମୀ ନାରାୟଣ ବେଶ ।

**ସଂକ୍ଷେପରେ**

### ସେଲ୍‌ସମ୍ୟାନଙ୍କୁ ଧମକଦେଇ ଜଣେ ଗିରଫ, ପିସ୍ତଲ ଜବତ

ଜୟପୁର,୧୬।୭(ନି.ପ୍ର.)-କୋରାପୁଟ ଜିଲା ବୈପାରିଗୁଡ଼ାସ୍ଥିତ ବିଦେଶୀ ମଦ ଦୋକାନର ଜଣେ ସେଲ୍‌ସମ୍ୟାନଙ୍କୁ ପିସ୍ତଲ ଦେଖାଇ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉମାଶଙ୍କର ଗୌଡ଼। ଖବରରୁ ଜଣାପଡିଛି ବୈପାରିଗୁଡ଼ାର ଉମାଶଙ୍କର ନିକଟରେ ବିଦେଶୀ ମଦ ଦୋକାନକୁ ଯାଇ ମଦ ଦାମଠାରୁ ୨୦ ଟଙ୍କା କମ୍‌ରେ ଦେବାକୁ କହିଥିଲେ। ସେଲ୍‌ସମ୍ୟାନ ମନା କରିବାରୁ ସେ ସେଠାରେ ଗଣ୍ଡଗୋଳ କରିଥିଲେ। ପରେ ଏକ ପିସ୍ତଲ ଦେଖାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ସେଲ୍‌ସମ୍ୟାନ ବୈପାରିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଉମାଶଙ୍କରଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ବ୍ୟବହୃତ ପିସ୍ତଲ ଜବତ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବୈପାରିଗୁଡ଼ା ଥାନା ଅଧିକାରୀ ରଘୁନାଥ ମାଝି ଉପସ୍ଥିତ ଥିଲେ ।

### ମହିଳାଙ୍କୁ ଅଶ୍ଳୀଳ ମେସେଜ ଦେଇ ଯୁବକ ଗିରଫ

ବୋରିଗୁମ୍ମା,୧୬।୭(ଡି.ଏନ.ଏ.)-କୋରାପୁଟ ଜିଲା ବୋରିଗୁମ୍ମାର ଜଣେ ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ରଞ୍ଜିତ କୁମାର ବେହେରା ନାମକ ଜଣେ ଯୁବକ ବାରମ୍ବାର ଅଶ୍ଳୀଳ ମେସେଜ ପଠାଇ ଶୁକ୍ରବାର ଗିରଫ ହୋଇଛନ୍ତି। ଏନେଇ ବ୍ୟବସାୟୀ ଜଣଙ୍କ ୧୪ ତାରିଖରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ୍ ନଂ. ୯୯/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ତାଙ୍କ ମହକିଲଙ୍କ ଫୋନ ଅନ୍ୟ କେହି ବ୍ୟବହାର କରି ତାଙ୍କୁ ଏପରି ଫସାଇ ଦେଇଛି ବୋଲି ରଞ୍ଜିତଙ୍କ ମାମଲା ପରିଚାଳନା ଦାୟିତ୍ୱ ନେଇଥିବା ଓକିଲ ପ୍ରଫୁଲ୍ଲ କୁମାର ଦଣ୍ଡସେନା କହିଛନ୍ତି। ରଞ୍ଜିତଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ୧୪ ଦିନ ପାଇଁ ହାଜତକୁ ପଠାଯାଇଛି।

### ଲୁଟ୍ ମାମଲାରେ ୨ଜଣଙ୍କୁ ଧରିଲା ପୋଲିସ

ଜୟପୁର, ୧୬।୭ (ନି.ପ୍ର.)-କୋରାପୁଟ ଜିଲା ମାଛକୁଣ୍ଡ ଅଞ୍ଚଳର ଜଣେ ବ୍ୟକ୍ତି ଜୟପୁର ଆସୁଥିବା ବେଳେ ଜୟପୁର ପାୱାର ହାଉସ ଛକଠାରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ମାରି ୫ହଜାର ଟଙ୍କା ଓ ବାଇକ୍ ଚାବି ଲୁଟି ନେଇଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଟାଉନ ଥାନାରେ ଜଣାଇବା ପରେ ପୋଲିସ ଘଟଣାର ତଦନ୍ତକରି ଉଭୟଙ୍କୁ କାନ୍ଦୁରିଗୁଡ଼ାରୁ ଧରିଥିଲା। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। କେସ୍ ନଂ. ୧୬୦/୨୧। ସେମାନଙ୍କଠାରୁ ଲୁଟ୍ ଟଙ୍କା ଜବତ ହୋଇଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇ ବ୍ରହ୍ମପୁର ବାଲ୍ ସୁଧାରଗୃହକୁ ପଠାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

### ୯୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ



କୋରାପୁଟ,୧୬।୭(ସ୍ୱ.ପ୍ର.)- କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଟାଉନ ହଲଠାରେ ୯୪ଜଣଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ହିତାଧିକାରୀମାନେ ନିର୍ଦ୍ଧାରିତ ସମୟରେ ଅବାସ ନିର୍ମାଣ ଶେଷ କଲେ ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ବିଜେଡି ନେତା ସୁରେଶ ପଟ୍ଟନାୟକ, ଅଶ୍ୱିନୀ ସାହୁ, ସୁରେଶ ପଢିହାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ ଜିଲା ଖଣିଜ ପାଣ୍ଠିରୁ ୨୯ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରାଯାଇଥିବା ଏକ ଅତ୍ୟାଧୁନିକ ରାସ୍ତା ସଫା କରିବା ଗାଡିକୁ ବିଧାୟକ ଉଦ୍‌ଘାଟନ କରିଥିଲେ ।

# ନଳକୂପ ନାଳିପାଣି ଧରି ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

**ଦଶମନ୍ତପୁର,୧୬।୭ ( ଡି.ଏନ.ଏ.)**

ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡ଼ା ପଞ୍ଚାୟତର ଓଡପୁର ଗ୍ରାମବାସୀ ଶୁକ୍ରବାର ନଳକୂପରୁ ବାହାରୁଥିବା ନାଳିପାଣି ଧରି ବିଡ଼ିଓଙ୍କ ଦାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ଏହି ଗ୍ରାମର ହରିଜନ ସାହିରେ ୫୦ ପରିବାର ବସବାସ କରନ୍ତି। ଦୀର୍ଘବର୍ଷ ତଳେ ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ଗ୍ରାମରେ ୩ଟି ନଳକୂଅ ଖନନ କରାଯାଇଥିଲା। ସେଥିରୁ ଗୋଟିଏ ନଳକୂଅ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟଟିରୁ ଗଳିଆପାଣି ବାହାରୁଛି। ହରିଜନ ସାହିର ନଳକୂପରୁ ନାଲିରଙ୍ଗର କାଦୁଅ ପାଣି ବାହାରୁଛି। ଫଳରେ ଏହି ପାଣି ବ୍ୟବହାର କରିହେଉନାହିଁ। ଏନେଇ ବାରମ୍ବାର




ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

ସାହିବାସିନ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଗତ ୭ରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ଏକ ଦାବିପତ୍ର ଦେଇଥିଲେ। ଏନେଇ ବିଡ଼ିଓଙ୍କ ନିକଟକୁ ଯିବାକୁ ଗ୍ରାମବାସୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ସେ କିଛି ପଦକ୍ଷେପ ନେଇ ନ ଥିଲେ। ଫଳରେ ଶୁକ୍ରବାର ପୁଣି ଥରେ ଆମେ ଗ୍ରାମବାସୀ ନଳକୂଅରୁ ବାହାରୁଥିବା ନାଳିପାଣି ନେଇ ବିଡିଓଙ୍କୁ ଭେଟିଥିଲୁ ବୋଲି କହନ୍ତି ଗ୍ରାମର ବାବୁଲା କନ୍ଧପାନ, ଘାସି କନ୍ଧପାନ, ଗୋପାଳ ଖୋସଲା, ଦାମ ନାୟକ।

**ସରପଞ୍ଚଙ୍କ ଉପରକୁ ଦୋଷ ଠେଲିଲେ ବିଡିଓ**

ତେବେ ଗ୍ରାମର ପାନୀୟ ଜଳ ସମସ୍ୟା ଦୂର କରିଦେବା କହି ବିଡ଼ିଓ ସରପଞ୍ଚଙ୍କ ଉପରକୁ ଦୋଷ ଠେଲି ଦେଇଥିଲେ। ଏ ସମ୍ପର୍କରେ ସରପଞ୍ଚ ହିରାମଣି ଗାଦାବାଙ୍କୁ ପଚାରିବାରୁ ସେ କହିଲେ ଯେ, ନଳକୂପ ଖନନ ପାଇଁ ପଞ୍ଚାୟତରେ ଅର୍ଥ ରହିଛି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ସହଯୋଗ ମିଳୁ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଞ୍ଜୀବ କୁମାର ଅଲିଙ୍କୁ ପଚାରିବାରୁ ସେ କହିଲେ ଯେ, ସରପଞ୍ଚଙ୍କ ସହ ଯୋଗାଯୋଗ କରି ଗ୍ରାମରେ ନୂତନ ନଳକୂପ ଖନନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ମାଲକାନଗିରି- ଜୟପୁର ରେଳପଥ ନେଇ ଯାଞ୍ଚ କାର୍ଯ୍ୟ ଆରମ୍ଭ

**ମାଲକାନଗିରି,୧୬।୭(ଡି.ଏନ.ଏ.)**

ମାଲକାନଗିରିଠାରୁ ଜୟପୁର ରେଳ ପ୍ରକଳ୍ପ ନିମନ୍ତେ ହୋଇଥିବା ସର୍ଭେର ଶୁକ୍ରବାର ପୁନଃ ଯାଞ୍ଚ କରାଯାଇଛି। ମାଲକାନଗିରିଠାରୁ ଜୟପୁର ପର୍ଯ୍ୟନ୍ତ ମୋଟ ୧୨୬ କି.ମି.ଲମ୍ବର ରେଳପଥ ମଧ୍ୟରୁ ୪୬ କି.ମି. ମାଲକାନଗିରି ଜିଲା ମଧ୍ୟଦେଇ ଯାଉଛି। ଏହି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନେଇ ପୂର୍ବରୁ ସର୍ଭେ ହୋଇଥିବା ବେଳେ ସେହି ଜମି ମାଲକାନଗିରି ଜିଲାରେ ନିର୍ମାଣ ହେଉଥିବା ଏୟାର ଷ୍ଟ୍ରିପ ମଧ୍ୟ ଦେଇ ଯାଉଥିବାରୁ ରେଳ ଲାଇନର ଗତି ପଥ ପରିବର୍ତ୍ତନ କରାଯିବାକୁ ବିଭାଗ ପ୍ରସ୍ତାବ ଦେଇଥିଲା। ଫଳରେ ପୂର୍ବରୁ ହୋଇଥିବା ସର୍ଭେର ପୁନଃ ଯାଞ୍ଚ କରାଯାଇଥିଲା। ଏନେଇ ସରକାରୀ ଓ ବେସରକାରୀ ଜମି କେତେ ପରିମାଣରେ ଯାଉଛି, ରେଳଲାଇନ ଗତିପଥ ଠିକ ଅଛି କି ନାହିଁ ସେସମ୍ପର୍କରେ ତହସିଲଦାର ଡ.ଗୁଣନିଧି ନାୟକ, ବିଶାଖାପାଟଣାସ୍ଥିତ ଇଷ୍ଟକୋଷ୍ଟ ରେଲୱେର ସିନିୟର ସେକ୍ସନ ଇଞ୍ଜିନିୟର ସୂର୍ଯ୍ୟ ନାରାୟଣ, ହାଇଦ୍ରାବାଦର ମାଥା ଟ୍ରଷ୍ଟ ଆଣ୍ଡ ଇନଫା ସର୍ଭେ କମ୍ପାନୀର ଭେଙ୍କେଟେଶ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ମାନଚିତ୍ର ନେଇ ରେଳ ପ୍ରକଳ୍ପ ପାଇଁ ନିର୍ଦ୍ଧାରିତ ହୋଇଥିବା ସ୍ଥାନଗୁଡିକର ପୁନଃ ଯାଞ୍ଚ କରିଥିଲେ। ମାଲକାନଗିରି ତହସିଲ ଅଧୀନରେ ସିନ୍ଧ୍ରିମାଳ ଓ ମାଲକାନଗିରି ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନରେ ୧୩ ଗ୍ରାମ ଦେଇ ପୂର୍ବରୁ ରେଳ ଲାଇନ ବିଛାଯିବାକୁ ଜମି ଅଧିଗ୍ରହଣ ପାଇଁ କରାଯାଇଥିବା ସର୍ଭେ ଠିକ ଅଛି ନା ନାହିଁ ତାର ପୁନଃ ଯାଞ୍ଚ କରାଯାଉଛି। ରାଜସ୍ୱ ବିଭଗର ପାଣ୍ଡ୍ରିପାଣି, ସିନ୍ଧରିମାଳ ଆରଆଇ ସର୍କଲରେ ମଧ୍ୟ ରାଜସ୍ୱ ସରକାରୀ ଜମି ଓ ବେସରକାରୀ ଜମିର ସର୍ଭେ ଆରମ୍ଭ ହୋଇଛି।



ଅଧିକାରୀମାନେ ମାନଚିତ୍ର ଦେଖି ହୋଇଥିବା ସର୍ଭେର ଯାଞ୍ଚ କରୁଛନ୍ତି।

# ଅଦା ବୋଝେଇ ଟ୍ରକ୍‌ରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ

**ଜୟପୁର,୧୬।୭ (ନି.ପ୍ର.)**

ଜୟପୁର ସଦର ପୋଲିସ ଏକ ଅଦା ବୋଝେଇ ଟ୍ରକ୍‌ରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହରିୟାଣା ଚଣ୍ଡିଗଡ଼ର ଅମିନ୍ଦ୍ର ସିଂ (୩୧) ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି। ଏକ ଅଦା ବୋଝେଇ ଟ୍ରକ୍ (ପିବି ୬୫ଭି-୪୪୫୬) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଖବର ପାଇ ଏକ ଟିମ୍ ନେଇ ସେ ଜୟପୁର ଘାଟିରେ ଜଗି ରହିଥିଲେ। ଉକ୍ତ ଟ୍ରକ୍ ଆସିବାରୁ ତାହାକୁ ଅଟକାଇ ଥାନାକୁ ଆଣିଥିଲେ। ଟ୍ରକ୍‌କୁ ଯାଞ୍ଚ ବେଳେ ସେଥିରୁ ୧ ଟନ୍ ଗଞ୍ଜେଇ ମିଳିଥିଲା। ଏହାକୁ ଜବତ କରାଯାଇଛି। ଏହି ଗଞ୍ଜେଇ ପଞ୍ଜାବ ଚାଲାଣ ହେଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତ ଜଣକ ନିଜେ ଟ୍ରକ୍ ମାଲିକ ଓ ଡ୍ରାଇଭର ବୋଲି ଜଣାପଡ଼ିଛି। ତାଙ୍କଠାରୁ ଗଞ୍ଜେଇ ସହ ୯୩ ପ୍ୟାକେଟ ଅଦା, ଗୋଟିଏ ମୋବାଇଲ ଓ ଟ୍ରକ୍‌କୁ ଜବତ କରାଯାଇଛି। ଏହି ମାମଲାରେ ଜଡିତ ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ। ଗିରଫ ଅମିନ୍ଦ୍ରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ବେହେରା କହିଛନ୍ତି। କେସ୍ ନଂ. ୧୩୨/୨୧।



ଜବତ ଗଞ୍ଜେଇ ।

### ୩ ଗୃହକୁ ଜବରଦଖଲରୁ ଉଚ୍ଛେଦ କଲା ପୌର ପ୍ରଶାସନ

**ସୁନାବେଡା,୧୬।୭(ସ୍ୱ.ପ୍ର.)**

ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ଖାଲିଥିବା ସରକାରୀ ଜାଗାକୁ ବେଆଇନ ଭାବେ ଜବରଦଖଲ କରି ନିର୍ମାଣ କରାଯାଇଥିବା ୩ଟି ଗୃହକୁ ପୌର ପ୍ରଶାସନ ଉଚ୍ଛେଦକରି ନିଜ ହେପାଜତକୁ ନେଇଛି। ଏନେଇ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଗୁରୁବାର ସେମିଳିଗୁଡ଼ା ତହସିଲଦାର ଶରତ ମାଝିଙ୍କୁ ଜଣାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ତହସିଲଦାରଙ୍କ ଉପସ୍ଥିତିରେ ପୌର ପ୍ରଶାସନ ପକ୍ଷରୁ ଉକ୍ତ ଜବରଦଖଲ ଉଚ୍ଛେଦ କରାଯିବା ସହ ବେଆଇନ ଭାବେ ନିର୍ମିତ ୩ଟି ଗୃହକୁ ଭଙ୍ଗାଯାଇଥିଲା। ଜବରଦଖଲ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ପୋଲିସ ମୁତୟନ କରାଯାଇଥିଲା। ତେବେ କେଉଁ ବ୍ୟକ୍ତିମାନେ ସରକାରୀ ଜମି ଜବରଦଖଲ କରି ବେଆଇନ ଗୃହ ନିର୍ମାଣ କରିଥିଲେ ତାହା ଜଣାପଡ଼ିନାହିଁ। ଉଚ୍ଛେଦ ସମୟରେ ମଧ୍ୟ କୌଣସି ବ୍ୟକ୍ତି ଏହାକୁ ବିରୋଧକରି ନ ଥିବା ତହସିଲଦାର ମାଝି କହିଛନ୍ତି। ଅନ୍ୟପକ୍ଷରେ ପୌର ପରିଷଦ ଅଞ୍ଚଳରେ ଏପରି ବେନିୟମ ନିର୍ମାଣକୁ ବରଦାସ୍ତ କରାଯିବ ନାହିଁ। ଆଗକୁ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ଯଦି ବେଆଇନ ଭାବେ ଜବରଦଖଲ ହୋଇଥାଏ ତେବେ ଉଚ୍ଛେଦ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଜମାଦାର କହିଛନ୍ତି। ଉଚ୍ଛେଦ ବେଳେ ପୌର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଗୋଷ୍ଠୀ ସଂଯୋଜକ ଚିତ୍ତରଞ୍ଜନ ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭାରରେ ବୁହା ହେଲେ ଗୁରୁତର ମା’ ଝିଅ

**ମାଲକାନଗିରି/କୁଡୁମୁଲୁଗୁମ୍ମା, ୧୬।୭ (ଡି.ଏନ.ଏ.)**

ମାଲକାନଗିରି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ମଧ୍ୟ ସ୍ୱାସ୍ଥ୍ୟ ଖରାପ ହେଲେ ଲୋକେ ରାସ୍ତାଘାଟ ନ ଥିବାରୁ ଦୋଳାରେ ବୁହା ହୋଇ ଡାକ୍ତରଖାନା ଯାଇଥାନ୍ତି। କିଏ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସିତ ହୋଇଥାଏ ତ କେହି ଅଧା ରାସ୍ତାରେ ମୃତ୍ୟୁବରଣ କରିଥାଏ। ଏହା ସତ୍ତ୍ୱେ ଉକ୍ତ ଅଞ୍ଚଳର ରାସ୍ତାଘାଟ ଅବସ୍ଥା ସୁଧୁରି ନ ଥାଏ। ଗୁରୁବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ମା’ଝିଅଙ୍କୁ ଦୋଳାରେ ଭାର କରି ବୋହି କିଛି ଦୂର ଆଣିବା ପରେ ଆମ୍ବୁଲାନ୍ସରେ ଡାକ୍ତରଖାନା ନେବା ପରି ଘଟଣା ଲୋକ ଲୋଚନକୁ ଆସିଛି। ମାଲାକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ପଞ୍ଚାୟତର କିରସାନିପଡା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଏହି ଗ୍ରାମର ସମ୍ବାରୀ

**ଭାଲୁ ଆକ୍ରମଣରେ ହୋଇଥିଲେ ଗୁରୁତର**

ଶିଶା ତାଙ୍କ ଝିଅ ସରିତା (୧୦)ଙ୍କୁ ଧରି ଚାଷ କାମ କରିବା ପାଇଁ ବିଲକୁ ଯାଇଥିଲେ। ଚାଷ କରୁଥିବା ସମୟରେ ଏକ ଭାଲୁ ଆସି ହଠାତ୍ ସମ୍ବାରି ଓ ସରିତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଉଭୟେ ଚିତ୍କାର କରିଥିଲେ। ସେମାନଙ୍କ ପାଟି ଶୁଣି ନିକଟରେ ଚାଷ କରୁଥିବା ଗ୍ରାମବାସୀ ଦୌଡି ଆସି ମା’ଝିଅଙ୍କୁ ଭାଲୁ କବଳରୁ ଉଦ୍ଧାର କରି ତାକୁ ଘଉଡାଇ ଦେଇଥିଲେ। ଗ୍ରାମକୁ ଆମ୍ବୁଲାନ୍ସ ଆସିବା ରାସ୍ତାରେ ଗଛ ପଡିଥିବାରୁ ସେମାନଙ୍କୁ ଭାରରେ ଗୁରୁତରଙ୍କୁ ବନ୍ଧଗୁଡା ପର୍ଯ୍ୟନ୍ତ ଆଣି ସେଠାରୁ ଆମ୍ବୁଲାନ୍ସ ଯୋଗେ ମାଲାକନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏବେ ସେଠାରେ ଉଭୟେ ଚିକିତ୍ସିତ ହେଉଛନ୍ତି।



ଭାରରେ ବୁହା ହୋଇ ଯାଉଛନ୍ତି ମା’ଝିଅ।

# କୃଷି ପ୍ରକଳ୍ପର ଅନୁଧ୍ୟାନ, ସମନ୍ୱିତ କୃଷି ପଦ୍ଧତିକୁ ଗୁରୁତ୍ୱ



ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଫସଲ ବୀମା ରଥ ଶୁଭାରମ୍ଭ କରୁଛନ୍ତି।

**ରାୟଗଡ଼ା ଅଫିସ,୧୬।୭**

- ଆପିକଲ୍ ପରିଚାଳନା ନିର୍ଦ୍ଦେଶକଙ୍କ ରାୟଗଡ଼ା ଗସ୍ତ
- ଫସଲ ବୀମା ରଥ ଉଦ୍‌ଘାଟିତ

ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ରାୟଗଡ଼ା ଜିଲା ନୋଡାଲ୍ ଅଧିକାରୀ ପ୍ରଭାତ କୁମାର ରାଉଳ ୨ ଦିନିଆ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରାନ୍ତରେ ଚାଲିଥିବା କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଛନ୍ତି। ବୁଧବାର ଗୁଡାରୀ ବ୍ଲକ ସାନଉମା ପଞ୍ଚାୟତର ଏଲଏଲ୍‌ପୁର ଗ୍ରାମକୁ ଯାଇ ପ୍ରଦୀପ କୁମାର ମାଠାଙ୍ଗୀଙ୍କ କ୍ଷେତ ପୋଖରୀ ପରିଦର୍ଶନ କରିବା ସହ ସମନ୍ୱିତ କୃଷି ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସନ୍ୟାସୀଗୁଡ଼ା ଗ୍ରାମର ବାବୁରାଓଙ୍କ କୁକୁଡା ଫାର୍ମ ପରିଦର୍ଶନ କରି କୁକୁଡ଼ା ଚାଷ ବିଷୟରେ ଆଲୋଚନା କରିଥିଲେ। ପରେ କୃଷି ସୂଚନା କେନ୍ଦ୍ର ପରିଦର୍ଶନ କରି ବ୍ଲକ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଗୁରୁବାର ରାୟଗଡ଼ା ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ରଥର ଶୁଭାରମ୍ଭ କରିଥିଲେ। ଏହାପରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗ, କୃଷି ବିଭାଗ ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେହିପରି କ୍ଷେତ୍ର ପରିଦର୍ଶନରେ ଯାଇ କଲ୍ଲିଗୁଡ଼ା ଗ୍ରାମସ୍ଥିତ ମୃତ୍ତିକା ସଂରକ୍ଷଣ ବିଭାଗର କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ଆନନ୍ଦପାଡୁ ଗ୍ରାମରେ ମନରେଗା ଯୋଜନାରେ ଚାଲିଥିବା କାଜୁ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। କତାପେଟା ପଞ୍ଚାୟତର ବୀର ନାରାୟଣପୁର ଗ୍ରାମରେ ଥିବା କାମେଶ୍ୱର ସାରକାଙ୍କ କ୍ଷେତ ପୋଖରୀ ପରିଦର୍ଶନ କରିବା ସହ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଜଳ ବିଭାଜିକା ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ, ଜିଲା ମୁଖ୍ୟ କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ ଏବଂ ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଜଗନ୍ନାଥ ବିନ୍ଧାଣୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧ ପ୍ରତିବାଦରେ କାର୍ଯ୍ୟାଳୟ ଘେରିଲା ଭାଜପା

**ମାଲକାନଗିରି/କାଲିମେଲା,୧୬।୭(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ସଦରରେ କାଲିମେଲା ଓ ପଡ଼ିଆ ବ୍ଲକର ଭାଜପା କର୍ମୀମାନେ ଶୁକ୍ରବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ଲୋ ଭୋଲ୍‌ଟେଜ ସମସ୍ୟା ନେଇ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। କାଲିମେଲା ବଜାର ପରିକ୍ରମା କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗଜେନ୍ଦ୍ର ବିଶ୍ୱାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲା କାର୍ଯ୍ୟକାରୀ ସଭାପତି ନିମାଁଇ ଚନ୍ଦ୍ର ପାଲ, ପଡ଼ିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମି ନେତୃତ୍ୱ ନେଇଥିଲେ। ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ମାଲାବରମ ଜୋନ ଜିଲା ପରିଷଦ ସଭ୍ୟ ସମିର ମିସ୍ତ୍ରି, ଗମ୍ପାକୁଣ୍ଡା ଜିଲା ପରିଷଦ ସଭ୍ୟ ପ୍ରମିଳା ଦାସ, ପଡ଼ିଆ ଜିଲା ପରିଷଦ ସଭ୍ୟ ଦୁତିକା ମାଡ଼କାମି, କାଲିମେଲା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରହୀ, ସମ୍ପାଦକ ବିଶିକେଶନ ଦାସ, ମାଲାବରମ ମଣ୍ଡଳ ସଭାପତି ନାରାୟଣ ସରକାର, ଟିଗଲ ସରପଞ୍ଚ ବଜା ମାଡକାମିଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ରାଜ୍ୟ ସରକାର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ କମ୍ପାନୀଙ୍କୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଦେଇ ଆସୁଥିଲେ ସୁଦ୍ଧା ସୁଫଳ ମିଳୁନାହିଁ। ଏବେ ପୁଣି ଟାଟା କମ୍ପାନୀକୁ ଦାୟିତ୍ୱ ଦେଇଛନ୍ତି। ଏହି କମ୍ପାନୀ ଦାୟିତ୍ୱ ନେବାକ୍ଷଣି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଲୋଭୋଲ୍‌ଟେଜ ସମସ୍ୟାର ସ୍ଥାୟୀ ସମାଧାନ କରିବା, ବିଦ୍ୟୁତ୍ କାଟ୍ ନ କରିବା,୧୦୦ ୟୁନିଟ ପର୍ଯ୍ୟନ୍ତ ଗୋଟିଏ ଦର ଲାଗୁ କରିବା, କୃଷିକ୍ଷେତ୍ର ଓ ଶୀତଳଭଣ୍ଡାର ପାଇଁ ବିଦ୍ୟୁତ୍ ଦେୟ ସବ୍‌ସିଡି ରୂପେ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

ସେହିପରି ମାଲକାନଗିରିରେ ମଧ୍ୟ ଭାଜପା ପକ୍ଷରୁ ନିର୍ବାହୀଯନ୍ତ୍ରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ବାଲାଜୀ ପଡାଲ, ପଛୁଆ ବର୍ଗ ମୋର୍ଚ୍ଚା ଜିଲା ସଭାପତି ବିଜୟ ମହାରଣା, ଜିଲା ପରିଷଦ ସଦସ୍ୟ ସମୀର ମିସ୍ତ୍ରୀ, ପ୍ରମିଳା ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୨୨ କରୋନା ପଜିଟିଭ ଚିହ୍ନଟ

**କୋରାପୁଟ,୧୬।୭(ସ୍ୱ.ପ୍ର.)-**

କୋରାପୁଟ ଜିଲାରେ ଶୁକ୍ରବାର ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରୁ ୬ ଜଣ, ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ୨,ସୁନାବେଡା ମ୍ୟୁନିସିପାଲିଟି ଅଞ୍ଚଳରୁ ୩, ପଟ୍ଟାଙ୍ଗୀ ବ୍ଲକରୁ ୪,ବନ୍ଧୁଗାଁ, ଦଶମନ୍ତପୁର, ଜୟପୁର, ବୋରିଗୁମ୍ମା କୋଟପାଡ, ଲକ୍ଷ୍ମୀପୁର ଓ ନାରାୟଣପାଟଣା ବ୍ଲକ ଅଞ୍ଚଳରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି।

# ଘା’ ଦେଉଛି ଯନ୍ତ୍ରଣା: ଚିକିତ୍ସା ଲାଗି ନାହିଁ ସମ୍ବଳ

**କାଲିମେଲା/ଏମ୍‌ଭି ୭୯,୧୬।୭(ଡି.ଏନ୍.ଏ.)**

ଶରୀରର ୯୦ ଭାଗରେ ଘା’ ପରି ବାହାରି ଯନ୍ତ୍ରଣା ହେଉଛି। ୫ ମାସ ଧରି ଭୋଗୁଛନ୍ତି କଷ୍ଟ। ବିଭିନ୍ନ ସ୍ଥାନରେ ଚିକିତ୍ସା କରିଥିଲେ ମଧ୍ୟ ମିଳିନି କିଛି ସୁଫଳ। ଉଚ୍ଚତର ଚିକିତ୍ସା ପାଇଁ ପରିବାର ଲୋକଙ୍କ ପାଖରେ ନାହିଁ ସମ୍ବଳ। ଉପାୟଶୂନ୍ୟ ହୋଇ ପଡି ରହିଛନ୍ତି ଶଯ୍ୟାରେ। ସେ ହେଉଛନ୍ତି ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୧୨୭ ଗ୍ରାମର ଭଗବାନ ମଜୁମଦାରଙ୍କ ପୁଅ ବିଶ୍ୱଜିତ ମଜୁମଦାର(୫୧)। ୫ମାସ ତଳେ ବିଶ୍ୱଜିତ୍‌ଙ୍କ ଦେହରେ ଏକ ପ୍ରକାର ଘା’ ପରି ଫୋଟକା ବାହାରି ଯନ୍ତ୍ରଣା ହୋଇଥିଲା। ଏହା ଧୀରେ ଧୀରେ ପୂରା ଶରୀରକୁ ମାଡ଼ିଗଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଏମ୍‌ଭି-୭୯ ମେଡିକାଲ ନେଇଥିଲେ। ପରେ କାଲିମେଲା ମେଡିକାଲ, ମାଲକାନଗିରି ମେଡିକାଲ ନେଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଭଦ୍ରାଚଳମର ଏକ ଘରୋଇ ମେଡିକାଲକୁ ନେଇ ଚିକିତ୍ସା କରିଥିଲେ। ମାତ୍ର ଅବସ୍ଥାରେ କିଛି ପରିବର୍ତ୍ତନ ଆସି ନ ଥିଲା। ଡାକ୍ତର ଅନ୍ୟତ୍ର ବଡ ମେଡିକାଲକୁ ନେବାକୁ ପରାମର୍ଶ ଦେଇଥିଲେ। ଦିନକୁ ଦିନ ଯନ୍ତ୍ରଣା ଆଉ ଘା’ ବଢି ଅତିଷ୍ଠ କରି ପକାଇଲା ବିଶ୍ୱଜିତ୍‌ଙ୍କୁ। ପରିବାର ଲୋକଙ୍କ ପାଖରେ ଯାହା ସମ୍ବଳ ଥିଲା ସବୁ ଖର୍ଚ୍ଚ ହୋଇଗଲା। ଆଉ ଉଚ୍ଚତର ଚିକିତ୍ସା କରିବା ଲାଗି ଅନ୍ୟତ୍ର ନେବାକୁ ପରିବାର ଲୋକଙ୍କ ପାଖରେ ଅର୍ଥ ନ ଥିଲା। ବର୍ତ୍ତମାନ ପରିବାର ଚଳିବା କଷ୍ଟ ହୋଇପଡିଛି। ଏପରି ସ୍ଥଳେ ବିଶ୍ୱଜିତ୍‌ଙ୍କ ଚିକିତ୍ସା ଲାଗି ସରକାରୀ ସହାୟତା ହିଁ ଏକମାତ୍ର ଭରସା। ତାଙ୍କ ସ୍ୱାମୀଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି ସ୍ତ୍ରୀ ମାଧବୀ। ସୂଚନାଯୋଗ୍ୟ, ବିଶ୍ୱଜିତ ଆବାସ ଯୋଜନାରେ ଘରଟିଏ ପାଇଁ ଅନେକ ଥର ଆବେଦନ କରିଥିଲେ ମଧ୍ୟ ଏହା ତାଙ୍କୁ ଏ ଯାଏ ମିଳିପାରିନାହିଁ। ଫଳରେ ଝାଟିମାଟି କୁଡ଼ିଆଘରେ ସେ ପରିବାର ଧରି ରହି ଆସୁଛନ୍ତି।



ବିଶ୍ୱଜିତ୍

